# Akashvani, Sambalpur

## SAMBALPURI NEWS BULLETIN

### 9 October 2023- 6.47- 6.52 am.

**********************************************

ଧର୍ମେନ୍ଦ୍ର ପ୍ରଧାନ୍           ଆର୍‌ଏନ୍‌ୟୁ ସମ୍ବଲପୁର୍

୧୦ ଆର୍ ୧୨ କ୍ଲାସ୍‌ର ବୋର୍ଡ୍ ପରୀକ୍ଷା ବଛର୍‌କ ୨ ଥର୍ ଦେବାର୍‌ଟା ଛାତ୍ରଛାତ୍ରୀମାନ୍‌କର୍ ଲାଗି ବାଧ୍ୟତାମୂଲକ୍ ନୁହେଁ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସ୍ପଷ୍ଟ କରିଛନ୍ । ସେ କହିଛନ୍ ଯେ, ପରୀକ୍ଷାର୍ ଲାଗି ବଛର୍‌କ ଗୁଟେ ସୁଯୋଗ୍ ଥିବାର୍‌ନୁ ଛାତ୍ରଛାତ୍ରୀମାନ୍‌କର୍ ଉପ୍‌ରେ ମାନସିକ ଚାପ ପଡୁଥିଲା । ହେଥିର୍‌ଲାଗି ବଛର୍‌କ ୨ ଥର୍ ପରୀକ୍ଷାର୍ ବିକଳ୍ପ ବ୍ୟବସ୍ଥା କରାଯାଇଛେ । ବଛର୍‌କ ୨ ଥର୍ ବୋର୍ଡ୍ ପରୀକ୍ଷା ହେଲେ, ଛାତ୍ରଛାତ୍ରୀମାନେ ଭଲ୍ ପ୍ରଦର୍ଶନ୍ କର୍‌ବାର୍‌କେ ସୁଯୋଗ୍ ପାଏବେ । ଦୁହି ବୋର୍ଡ୍ ପରୀକ୍ଷାନୁ ଯେନ୍ ପରୀକ୍ଷାଥି ସେମାନେ ଅଏତ୍‌କା ମାର୍କ ଆନିଥିବେ ହେତାକେ ହିସାବ୍‌କେ ନିଆଯିବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ପଶ୍ଚିମ ଓଡ଼ିଶାର୍ ରାଜ୍‌ଗାଙ୍ଗ୍‌ପୁର୍ ଆର୍ ବୀର୍‌ମିତ୍ରପୁର୍ ପୁରା ସହର୍ ଆଉ ସୁନ୍ଦର୍‌ଗଡ୍ ଆର୍ ରାଉର୍‌କେଲା ସହରର୍ ମୋଟ୍ ୩୭ ଟା ୱାର୍ଡ଼ ନ ସିଧାସଲଖ୍ ନଲ୍‌ନୁ ପିଇବାର୍ ପାଏନ୍- ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ପ୍ରକଳ୍ପର୍ ଆଏଜ୍ ଦିନ୍‌ବେଲା ସାଢ଼େ ୧୧ ବଜେ ଲୋକାର୍ପଣ୍ କରାଯିବା । ରାଜ୍ୟର୍ ଆର୍ ୩ ଟା ପୁରା ସହର୍ ଆର୍ ୧୧ ଟା ସହର୍‌ର ମୋଟ୍ ଶହେ ୧୨ ଟା ୱାର୍ଡ଼ ନ ଭିଲ୍ ଇ ପ୍ରକଳ୍ପ ଚାଲୁ ହେବା । ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍‌ର କନ୍‌ଭେନ୍‌ସନ୍ ସେଂଟର୍‌ନୁ ଅନ୍‌ଲାଇନ୍‌ଥି ଇ ପ୍ରକଳ୍ପର୍ ଲୋକାର୍ପଣ୍ କର୍‌ବେ । ଇ ପ୍ରକଳ୍ପନୁ ୧୨ ଲାଖ୍‌ନୁ ଅଏତ୍‌କା ଲୋକ୍ ଉପକୃତ ହେବେ ।

ଗୋପବନ୍ଧୁ ଦାସ-ଜନମ୍‌ଦିନ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର୍ ଆଏଜ୍ ହେଉଛେ ଜନମ୍‌ଦିନ୍ । ୧୮୭୭ ମସିହା ଅକ୍ଟୋବର୍ ୯ ତାରିଖ୍ ଦିନ ପୁରୀ ଜିଲ୍ଲାର୍ ସୁଆଣ୍ଡୋ ଗାଁ ନ ଦୈତାରୀ ଦାସ ଆର୍ ସ୍ୱର୍ଣ୍ଣମୟୀ ଦେବୀଙ୍କର୍ କୁଳେ ତାଁକର୍ ଜନମ୍ ହେଇଥିଲା । ରାଏଜେ

ସାମାଜିକ ସଂସ୍କାର୍, ସାମ୍ବାଦିକତା ଆର୍ ସାହିତ୍ୟ ଦିଗେ ଦେଇଥିବା ଅବଦାନ୍ ଲାଗି ସେ ସବୁଦିନର୍ ଲାଗି ସ୍ମରଣୀୟ ହେଇକରି ରହିଛନ୍ । ଦେଶର୍ ସ୍ୱାଧୀନତା ଆନ୍ଦୋଲନ୍‌ଥି ସେ ବଡ଼୍ ଭୂମିକା ନେଇଥିଲେ । ୧୯୨୧ ମସିହାଥି ମହାତ୍ମାଗାନ୍ଧୀଙ୍କୁ ପହେଲାଥର୍ ଲାଗି ଓଡ଼ିଶା ଆନ୍‌ବାର୍ ସଙ୍ଗେ ପ୍ରଦେଶ୍ କଂଗ୍ରେସ୍‌ର ସେ ପହେଲା ସଭାପତି ହେଇଥିଲେ । ସ୍ୱାଧୀନତା ଆନ୍ଦୋଲନ୍‌ର ନେତୃତ୍ୱ ନେଇକରି ସେ ଖୋବ୍‌ଥର୍ ଜେଲ୍ ଯାଇଥିଲେ । ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଆଏଜ୍ ଉପର୍‌ବେଲା ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ନ ଉତ୍କଳମଣି ଗୋପବନ୍ଧୁ ଦାସ୍‌ଙ୍କର୍ ଜୟନ୍ତୀ ସଭା ଆୟୋଜନ୍ କରାଯାଇଛେ ।

ଗୋଶାଳା- କୃଷିମନ୍ତ୍ରୀ     ପତ୍ର ସୂଚନା କାର୍ଯ୍ୟାଳୟ

ରାଏଜେ ୮୦ ଟା ପଞ୍ଜିକୃତ ଗୋଶାଳା ଇହାଛିନି ଥିବାର୍ ବେଲେ ନୂଆଁ ଗୋଶାଳା ତିଆର୍‌ବାର୍‌କେ ରାଜ୍ୟ ସର୍‌କାର୍ ଭିନ୍ ଭିନ୍ ବେସର୍‌କାରୀ ସଂସ୍ଥା ଆର୍ ପ୍ରାଣୀ କଲ୍ୟାଣ୍ ଅନୁଷ୍ଠାନ୍‌କେ ସାହାଜ୍ ଦଉଛନ୍ ବଲି ରାଜ୍ୟ ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିକାଶ୍ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ୍ ସ୍ୱାଇଁ କହିଛନ୍ । ଭୁବ୍‌ନେଶ୍ୱର୍ କୃଷି ଭବନ୍ ନ ଗଲାକାଏଲ୍ ହେଇଥିବା ରାଜ୍ୟସ୍ତରୀୟ ଗୋଶାଳା ଆଉ

ଆନିମଲ୍ ହେଲ୍ପଲାଇନ୍ ବୈଠକ୍ଥି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍, ୨୦୨୨-୨୩ ଆର୍ଥିକ୍ ବଛ୍ରେ ୫୨ ଟା ଗୋଶାଲାକେ ବୟସ୍କ ଗାଇମାନ୍କର୍ ପିଛା ବଛର୍କ ୧୬ ହଜାର୍ ଟଙ୍କା ହିସାବେ ୫ କୋଟି ଟଙ୍କା ଖର୍ଚ୍ଚା କରାଯାଇଛେ । ୨୦୨୩-୨୪ ଆର୍ଥିକ୍ ବଛ୍ରେ ହେ ପରିମାଣ୍କେ ୨୦ ହଜାର୍ ଟଙ୍କାକେ ବଢ଼ାଯାଇଛେ । ୫୦ ନୁ ଦେଢ୍ଶହ ଗାଇଙ୍କର୍ ଥଇଥାନ୍ ଆର୍ ଆଶ୍ରୟର୍ ଲାଗି ନୂଆଁ ଗୋଶାଲା ଥାପ୍ନାର୍ ଲାଗି ୨୦ ନୁ ୫୨ ଲାଖ୍ ଟଙ୍କାତକ୍ ସାହାଜ୍ ଦିଆଯାଇଛେ । ଇତାର୍ଛଡ଼ା ବୁଲା ଗାଇଗୋରୁ ଆର୍ ପଶୁପକ୍ଷୀମାନ୍କୁ ଦର୍କାରୀ ଚିକିତ୍ସାସେବା ଯୁଗାବାର୍ ଲାଗି ସାରା ରାଏଜେ ଆନିମଲ୍ ହେଲ୍ପଲାଇନ୍ ଥାପ୍ନା କରାଯାଇଛେ । ରାଜ୍ୟର୍ ୧୧ ଟା ସହର୍ ନ ଆନିମଲ୍ ଆମ୍ବୁଲେନ୍ସ ଆର୍ ବାକି ଇଲାକାନ ମୋବାଇଲ୍ ଭେଟନେରୀ ୟୁନିଟ୍ର ସେବା ଟୋଲ୍ଫ୍ରି ନମ୍ବର୍- ୧୯୬୨କେ କଲ୍ କଲେ ମିଳିପାରୁଛେ ।

ଜାତୀୟ ସାଂସ୍କୃତିକ ସାହିତ୍ୟ, କଳା ଉତ୍ସବ୍/ପତ୍ର ସୂଚନା କାର୍ଯ୍ୟାଳୟ

ରାଜ୍ୟର୍ ଏକଲବ୍ୟ ବିଦ୍ୟାଳୟର୍ ଛାତ୍ରଛାତ୍ରୀମାନେ ଉତରାଖଣ୍ଡର୍ ଡେରାଡୁନ୍ ନ ଗଲା ୩ ନୁ ୬ ତାରିଖ୍ତକ୍ ହେଇଥିବା ଜାତୀୟ

ସାଂସ୍କୃତିକ ସାହିତ୍ୟ ଆଉ କଳା ଉତ୍ସବ୍‌ଥି ଭାଗ୍ ନେଇକରି ଗୌରବ୍ ଆନିଛନ୍ । ଦେଶର୍ ୨୨ ଟା ରାଜ୍ୟର୍ ୨ ହଜାର୍‌ନୁ ଅଏତ୍‌କା ଛାତ୍ରଛାତ୍ରୀ ଭାଗ୍ ନେଇଥିବାର୍ ଉତ୍ସବ୍‌ଥି ଓଡ଼ିଶାର୍ ୫୬ ଝନ୍ ଛାତ୍ରଛାତ୍ରୀ ସାମିଲ୍ ହେଇଥିଲେ । ଓଡ଼ିଶାର୍ ଛାତ୍ରଛାତ୍ରୀମାନେ ୩୧ ଟା ପ୍ରତିଯୋଗିତାଥି ଭାଗ୍ ନେଇଥିବାର୍ ବେଲେ ୨୧ ଝନ୍ କୃତିତ୍ୱ ଅର୍ଜନ୍ କରିଛନ୍ । ଗଲାକାଏଲ୍ ଓଡ଼ିଶା ମଡ଼େଲ୍ ଆଦିବାସୀ ଶିକ୍ଷା ସମାଜ୍ କାର୍ଯ୍ୟାଳୟ ନ ହେଇଥିବା ଗୁଟେ ସମାରୋହଥି ହେ ଛାତ୍ରଛାତ୍ରୀମାନ୍‌କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁସୂଚିତ ଜନଜାତି ଆଉ ଜାତି ଉନ୍ନୟନ୍ ବିଭାଗ୍‌ର କମିଶନର୍ ରୂପା ରୋସନ୍ ସାହୁ ଛାତ୍ରଛାତ୍ରୀମାନ୍‌କୁ ସମ୍ବର୍ଦ୍ଧିତ୍ କରିଥିଲେ ।

ବିଶ୍ୱକପ୍ କ୍ରିକେଟ           ଆର୍‌ଏନ୍‌ୟୁ ସମ୍ବଲପୁର୍

ବିଶ୍ୱକପ୍ କ୍ରିକେଟ୍‌ର ଗଲାକାଏଲ୍ ଚେନ୍ନାଇଥି ଖେଲାଯାଇଥିବା ୫ ନମ୍ବର୍ ମେଚ୍‌ଥି ଭାରତ୍ ୬ ୱିକେଟ୍‌ଥି ଜିତିଛେ । ଭାରତ୍ ଆର୍ ଅଷ୍ଟ୍ରେଲିଆ ଭିତ୍‌ରେ ଖେଲାଯାଇଥିବା ଇ ମେଚ୍‌ଥି ଅଷ୍ଟ୍ରେଲିଆ ଦଲ୍ ପହେଲା ବେଟିଂ କରିକରି ଶହେ ୯୯ ରନ୍‌ଥି ଅଲ୍‌ଆଉଟ୍ ହେଇଥିଲେ । ଜବାବି ବେଟିଂଥି ଭାରତୀୟ ଦଲ୍ ୪୧ ଓଭର୍ ୨

ବଲ୍‌ଥି ୪ ଟା ୱିକେଟ୍ ହରେଇକରି ବିଜୟ ଲକ୍ଷ୍ୟ ହାସଲ୍ କରିଥିଲେ । ଭାରତୀୟ ଦଲର୍ କେ.ଏଲ୍ ରାହୁଲ୍‌ଙ୍କୁ ମେନ୍ ଅଫ୍ ଦି ମେଚ୍ ଟ୍ରଫି ଦିଆଯାଇଥିଲା । ଆଏଜ୍ ହାଇଦ୍ରାବାଦ୍ ନ ନ୍ୟୁଜିଲାଣ୍ଡ ଆର୍ ନେଦର୍‌ଲାଣ୍ଡ୍ ଭିତ୍‌ରେ ବିଶ୍ୱକପ୍ କ୍ରିକେଟ୍‌ର ୬ ନମ୍ବର୍ ମେଚ୍ ଖେଲାଯିବା ।

ସାଇବର୍ ସୁରକ୍ଷା ସଚେତନତା ଆର୍‌ଏନ୍‌ୟୁ ସମ୍ବଲପୁର୍

ସମ୍ବଲ୍‌ପୁର୍ ଜିଲ୍ଲାର୍ ନାକଟିଦେଉଲ୍ ଆର୍ କିସିଣ୍ଡା ଥାନା ଇଲାକା ନ ପୁଲିସ୍ ତର୍‌ଫୁ ସାଇବର୍ ସୁରକ୍ଷା ସଚେତନତା ଅଭିଯାନ୍ ହେଇଯାଇଛେ । ବରିଷ୍ଠ ପୁଲିସ୍ ଅଧିକାରୀ ଆର୍ ପଂଚାୟତ୍‌ରାଜ୍ ଜନପ୍ରତିନିଧିମାନେ ହେଥି ସାମିଲ୍ ହେଇକରି ସାଇବର୍ ଅପରାଧିନୁ ବଁଚ୍‌ବାର୍ ଉପାୟ ବାବ୍‌ଦେ ଲୋକ୍‌ମାନ୍‌କୁ ସଚେତନ୍ କରିଥିଲେ ।

ନୂଆଖାଇ ଭେଟ୍‌ଘାଟ୍-ସୁନ୍ଦର୍‌ଗଡ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ସୁନ୍ଦର୍‌ଗଡ୍ ସଂସ୍କୃତି ଭବନ୍ ନ ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା ସଂସ୍କୃତି ପରିଷଦ୍ ତର୍‌ଫୁ ନୂଆଖାଇ ଭେଟ୍‌ଘାଟ୍ ଉତ୍ସବ୍ ହେଇଯାଇଛେ ।

ହେଥି ବିଧାୟିକା କୁସୁମ୍ ଟେଟେ, ଜିଲ୍ଲା ପରିଷଦ୍‌ର ସଭାପତି କୁନ୍ତୀ ପ୍ରଧାନ୍ ଅତିଥି ଭାବେ ଯୋଗ୍ ଦେଇଥିଲେ । ଉତ୍ସବ୍‌ଥି ଜିଲ୍ଲାର୍ ପ୍ରଶାସନିକ୍ ଅଧିକାରୀ, କଲାକାର୍, ଛାତ୍ରଛାତ୍ରୀମାନେ ସାମିଲ୍ ହେଇଥିଲେ । ଆଦିବାସୀ ନାଚ୍, ଗାନା ସଙ୍ଗେ ସ୍ୱୟଂ ସହାୟକ ଗୋଷ୍ଠୀର୍ ମହିଳାମାନେ ତିଆର୍ କରିଥିବା ପାରମ୍ପାରିକ୍ ପିଠାପନା ପ୍ରଦର୍ଶନୀ ହେଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ ସମ୍ବଲପୁର୍

ରାଏଜୁ ଦକ୍ଷିଣ ପଶ୍ଚିମ ମୌସୁମୀ ଫିରିଯିବାର୍  ପାଗ୍ ଅନୁକୁଲ୍ ହେଇଛେ । ଇ ସମିଆଥି ପାଗ୍ ସୁଖ୍‌ଲା ଅଛେ । ହେଲେ ଜବର୍ ଖରା ଆର୍ ଗୁଲ୍‌ଗୁଲି ହେଉଛେ । ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଗଲାକାଏଲ୍ ପଶ୍ଚିମ ଓଡ଼ିଶାର୍ ବୌଦ୍ଧ ଆର୍ ଝାର୍‌ସୁଗୁଡ଼ା ସହେତେ ରାଜ୍ୟର୍ ୬ ଟା ସହର୍ ନ ଦିନର୍ ସବୁନୁ ଜହ ତାତି ୩୫ ଡିଗ୍ରୀ ଉପ୍‌ରେ ଥିଲା ।